# ପ୍ରଧାନପାଟ

Krishi Vigyan Kendra
Deogarh
Odisha University of
Agriculture & Technology
Bhubaneswar

# Pradhanpat

## କୃଷି ସମାଚାର ପତ୍ରିକା
## Krushi Samachar Patrika

କୃଷି ବିଜ୍ଞାନ କେନ୍ଦ୍ର
ଦେବଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଦ୍ୱାଦଶ ବର୍ଷ | ଏପ୍ରିଲ-ସେପ୍ଟେମ୍ବର, ୨୦୧୮ | ପ୍ରଥମ ସଂଖ୍ୟା




ଚକ୍ରବ୍ୟୁହ ଯନ୍ତାର ଜିଲ୍ଲାରେ ନୂତନ ଭାବରେ ବ୍ୟବହାର



ସ୍ୱଚ୍ଛ ଦିନିଆ ହରଡ଼ କିସମ



ହଳଦିଆ ଅଠାଯୁକ୍ତ ଯନ୍ତା




କଡ଼କନାଥ କୁକୁଡ଼ା



## ମୁଖ୍ୟ ସମ୍ପାଦକଙ୍କ କଲମରୁ...

ଦେବଗଡ ଜିଲ୍ଲାର ସାମଗ୍ରିକ ଅର୍ଥନୀତି ମୁଖ୍ୟତଃ କୃଷି, ଉଦ୍ୟାନ କୃଷି, ପଶୁପାଳନ ଏବଂ ଜଙ୍ଗଲ ସମ୍ପଦ ଉପରେ ପର୍ଯ୍ୟବେସିତ । ଜିଲ୍ଲାର ସମୁଦାୟ ଭୌଗୋଳିକ କ୍ଷେତ୍ରର ଅର୍ଦ୍ଧାଧିକ ଅଂଶ ପାହାଡ ପର୍ବତ ଦ୍ୱାରା ପରିବେଷ୍ଟିତ । ମୋଟ ଚାଷ ଜମିର ମୁଖ୍ୟ ଭାଗ ଉଚ୍ଚ ଜମି କିସମର ଦୁଇ ତୃତୀୟାଂଶ ଜମି ଅଣଜଳ ସେଚିତ ଓ ମୃତ୍ତିକା ଅମ୍ଳୀୟ । ଏହି ସବୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜିଲ୍ଲାର କୃଷି ଅର୍ଥନୀତିକୁ ସମୃଦ୍ଧ କରାଇବା ଜିଲ୍ଲା ପ୍ରଶାସନ ଓ କୃଷିଜୀବି ଅଧିବାସୀ ମାନଙ୍କ ପାଇଁ ଏକ କଷ୍ଟକର ବ୍ୟାପାର । ଚାଷୀ ଜମିରେ ନୂତନ ଜ୍ଞାନକୌଶଳ ପରୀକ୍ଷଣ କରାଇ ତାକୁ ଜିଲ୍ଲାରେ ଆଦୃତ କରାଇବା ଲକ୍ଷ୍ୟରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨୦୦୬ ମସିହା ରେ ଦେବଗଡ ଜିଲ୍ଲା ସଦର ମହକୁମାରେ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି । କୃଷି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାକୁ ଅନୁଧ୍ୟାନ କରି ଉଚିତ୍ ସମୟରେ ସଠିକ୍ ପଦକ୍ଷେପ ନେଇ କୃଷିକୁ ଏକ ଲାଭଜନକ ବ୍ୟବସାୟରେ କୃଷକ ସମ୍ପ୍ରଦାୟ ଆଗରେ ପ୍ରତିଷ୍ଠା କରିବାକୁ ଏହା ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଅଛି । ଶସ୍ୟ, ଡାଲି, ତୈଳବୀଜ, ପନିପରିବା ଏବଂ ଫଳଜାତୀୟ ପାରମ୍ପରିକ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ତଥା କ୍ଷୁଦ୍ର ଏବଂ ନାମ ମାତ୍ର ଶ୍ରେଣୀର ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସମନ୍ୱିତ କୃଷି ପ୍ରଣାଳୀ ପଦ୍ଧତିକୁ ପ୍ରସାରିତ କରିବା ସହିତ ଏହା ଅନେକ ସ୍ୱରୋଜଗାର ମୂଳକ କାର୍ଯକ୍ରମ ଗ୍ରହଣ କରି ଆସୁଅଛି ।

ନୂତନ କିସମର ଡାଲି, ତୈଳବୀଜ, ପନିପରିବା, ଫଳ ଫସଲରେ ମଞ୍ଜି ଓ ଚାରା ଉତ୍ପାଦନ କରି ଚାଷୀମାନଙ୍କୁ ଯୋଗାଇଦେବା, କୃଷିଜୀବି ମହିଳା ଓ ଗୃହିଣୀମାନଙ୍କୁ ଛତୁ ଚାଷ, ଫୁଲଚାଷ, ମହୁଚାଷ, କୁକୁଡା ଚାଷ ପରି ରୋଜଗାର ପନ୍ଥା ଯୋଗାଇବାରେ ଏହି କାର୍ଯ୍ୟାଳୟ ଜିଲ୍ଲାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଅଛି । ଗତ ଛ ମାସର କାର୍ଯ୍ୟାବଳୀରେ ପରିପୁଷ୍ଟ ଆମର "ପ୍ରଧାନପାଟ" କୃଷି ସମାଚାର ପତ୍ରିକା ର ଏହି ସଂସ୍କରଣ ଜିଲ୍ଲାର ସମସ୍ତ କୃଷିଜୀବି ମହିଳା, ପୁରୁଷ, କୃଷି ଅଧିକାରୀ ଓ ଅନୁସନ୍ଧିତ୍ସୁଙ୍କ ପାଇଁ ନୂତନ ବାର୍ତ୍ତା ଆଣିଦେବ, ଏଥିରେ ସନ୍ଦେହ ନାହିଁ ।


ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼

## ବର୍ଷା ଦିନିଆ ଟମୋଟୋ ଚାଷରେ ନୂତନ ଜ୍ଞାନକୌଶଳ ର ସଫଳ ପରୀକ୍ଷଣ

ଦେବଗଡ ଜିଲ୍ଲାର ଜମି ଗୁଡିକ ମୂଖ୍ୟତଃ ଢିପଜମି ଏବଂ ଅଣଜଳସେଚିତ । ଜିଲ୍ଲାର ସମୁଦାୟ ବାର୍ଷିକ ଟମାଟୋ ଉତ୍ପାଦନର ଏକ ପ୍ରତିଶତ ମଧ୍ଯ ବର୍ଷା ଦିନେ ଚାଷ କରାଯାଇନଥାଏ । ଚାଷୀ ସଠିକ୍ ଉପାୟରେ ଉନ୍ନତ ମାନର ଜ୍ଞାନକୌଶଳର ବ୍ୟବହାର କରୁନଥିବାରୁ ଉତ୍ପାଦନ ହ୍ରାସ ହେବା ସହିତ ଫସଲର ଗୁଣବତ୍ତାରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ । ଏହାକୁ ଲକ୍ଷ୍ୟ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କାଲ୍‌ଚିପଡାଡିହି ଗ୍ରାମରେ ସମନ୍ୱିତ ପ୍ରଣାଳୀରେ ବର୍ଷାଦିନିଆ ଟମାଟୋ ଚାଷର ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁସାରେ ଯବକ୍ଷାରଜାନ, ଫସଫରସ୍ ଏବଂ ପଟାସ୍ ସାରର ପ୍ରୟୋଗ ସହ ଫୁଲକଢି ଧରିବା ବେଳକୁ ବୋରନ୍ ୨ଗ୍ରାମ ପ୍ରତି ଲିଟର ପାଣିରେ ସିଞ୍ଚନ କରାଯାଇଥିଲା । ମଞ୍ଜିକୁ (କାର୍ବୋକ୍ସିନ୍ + ଥିରାମ୍) ରେ ବିଶୋଧନ କରାଯାଇଥିଲା ଏବଂ ପ୍ରତିଟି ଗଛକୁ ରାଞ୍ଚୀ ମାଧ୍ୟମରେ ଲଗାଯାଇଥିଲା । ସମନ୍ୱିତ ରୋଗ ପୋକ ପରିଚାଳନା ଉପରେ ଆବଶ୍ୟକୀୟ ତାଲିମ ମଧ୍ଯ ଦିଆଯାଇଥିଲା । ଚାଷୀ ନିଜସ୍ୱ ଜ୍ଞାନ କୌଶଳରେ ଚାଷକରି ହେକ୍ଟର ପିଛା ୧୧୦ କ୍ୱିଣ୍ଟାଲ ଅମଳ ପାଇଥିବା ବେଳେ ପରୀକ୍ଷା କରାଯାଇଥିବା ଜମିରୁ ୧୯୪ କ୍ୱିଣ୍ଟାଲ ଉନ୍ନତ ମାନର ଟମାଟୋ ପାଇପାରିଥିଲେ । ଆଗାମୀ ଦିନରେ ଏହାକୁ ଜିଲ୍ଲାର ଟମାଟୋ ଗ୍ରାମ ଭାବରେ ଗ୍ରହଣ କରିବାକୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପଦକ୍ଷେପ ନିଆଯିବାକୁ ସ୍ଥିର କରାଯାଇଛି ।



## ଉନ୍ନତ ମାନର ଲିଚୁ ଉତ୍ପାଦନ ପାଇଁ ସମନ୍ୱିତ ଖାଦ୍ୟସାର ପରିଚାଳନା

ଓଡ଼ିଶାରେ ସମୁଦାୟ ୭୧୬୦ ହେକ୍ଟର ମଧ୍ୟରୁ ଦେବଗଡ ଜିଲ୍ଲାରେ କେବଳ ୭୬୦ ହେକ୍ଟର ଲିଚୁ ଚାଷ କରାଯାଇଥାଏ । କିନ୍ତୁ ଖାଦ୍ୟସାରର ପରିଚାଳନାରେ ଅଭାବରୁ ଲିଚୁ ବଗିଚାରୁ ଚାଷୀମାନେ ସନ୍ତୋଷଜନକ ଅମଳ ଓ ଉତ୍କୃଷ୍ଟ ମାନର ଲିଚୁ ଉତ୍ପାଦନ କରିପାରନିଥାନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଲକ୍ଷ୍ୟ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୁରେଇବାହାଲ ଗ୍ରାମରେ ଲିଚୁ ଚାଷରେ ସମନ୍ୱିତ ଖାଦ୍ୟସାର ପରିଚାଳନାର ଏକ ପରୀକ୍ଷଣ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦତ୍ତ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡକୁ ବ୍ୟବହାର କରି ଫଳାଫଳ ଅନୁସାରେ ଯବକ୍ଷାରଜାନ, ଫସଫରସ୍ ଏବଂ ପଟାସ୍ ସାର ସହିତ ଗଛ ପିଛା ୫୦ ଗ୍ରାମ ଜିଙ୍କ୍ ସଲ୍‌ଫେଟ୍ ଏବଂ ୫୦-୬୦ ଗ୍ରାମ ବୋରାକ୍ସ ପାଉଡର ଡିସେମ୍ବର ମାସରେ ଫଳର ବୃଦ୍ଧି ଅବସ୍ଥାରେ ପ୍ରୟୋଗ କରାଯାଇଥିଲା । ଏହାର ଫଳ ସ୍ୱରୁପ ଲିଚୁରେ ଫଳ ଫାଟିବା ପ୍ରାୟ ୬୦ ପ୍ରତିଶତ କମାଇ ଦିଆଯାଇ ପାରିଥିଲା । ଚାଷୀ ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୪୨ କ୍ୱିଣ୍ଟାଲ୍ ଅମଳ କରୁଥିବା ସମୟରେ ଉପରୋକ୍ତ ଜ୍ଞାନ କୌଶଳର ବ୍ୟବହାର କରି ୬୩.୫ କ୍ୱିଣ୍ଟାଲ ଅମଳ ପାଇପାରିଥିଲେ ।




## ପିଆଜ ଚାଷରେ ଘାସମରା ଔଷଧ ବ୍ୟବହାରର ସଫଳ ପ୍ରୟୋଗ



ପିଆଜ ଚାଷ ପାଇଁ ଦେବଗଡ ଜିଲ୍ଲା ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପିଆଜ ଚାଷରେ ମଞ୍ଜି ଗଜା ହେବା ପାଇଁ ଅଧିକ ସମୟ ଲାଗିଥାଏ ଏବଂ ଫସଲର ପ୍ରାରମ୍ଭିକ ଅବସ୍ଥାରେ ଗଛର ବୃଦ୍ଧି ଖୁବ୍ ମନ୍ଥର ହୋଇଥାଏ । ଏହି କାରଣରୁ ପିଆଜରେ ଘାସ ସମସ୍ୟା ଅଧିକ ହୋଇଥାଏ ଏବଂ ଏହା ଅମଳକୁ ପ୍ରଭାବିତ କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପିଆଜ ଚାଷରେ ଘାସମରାର ବ୍ୟବହାର ଉପରେ ରିଆମାଳ ବ୍ଲକର ସାଧୁପାଲି ଗ୍ରାମରେ ଏକ କ୍ଷେତ୍ରପରୀକ୍ଷଣ କରାଯାଇଥିଲା । ଏହି ପରୀକ୍ଷଣରେ ଚାଷୀମାନଙ୍କୁ ଉନ୍ନତ ମାନର ଘାସମରା ଔଷଧ ଅକସିପ୍ଲୋରୋଫେନ୍ (୧ ମିଲି ପ୍ରତି ଲିଟର) ଓ କୁଇଜାଲଫପଇଥାଇଲ୍ (୨ ମିଲି ଲିଟର ପ୍ରତି ଲିଟର) ଯଥାକ୍ରମେ ଚାରା ରୋପଣ ସମୟରେ ଏବଂ ରୋଇବାର ୩୦ ଦିନ ପରେ ପ୍ରୟୋଗ କରାଯାଇଥିଲା । ଚାଷୀମାନେ ନିଜସ୍ୱ ପଦ୍ଧତିରେ ହେକ୍ଟର ପିଛା ୨୪୦ କ୍ୱିଣ୍ଟାଲ୍ ଅମଳ ପାଇବା ସମୟରେ ଉପରୋକ୍ତ ପ୍ରଣାଳୀରେ ହେକ୍ଟର ପିଛା ୩୦୫ କ୍ୱିଣ୍ଟାଲ୍ ଅମଳ ପାଇପାରିଥିଲେ ।

## ସୂର୍ଯ୍ୟମୂଖୀ ଫସଲ୍‌ରେ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ




ଦେବଗଡ ଜିଲ୍ଲାରେ ପ୍ରାୟ ୪୦୦ ହେକ୍ଟର ସୂର୍ଯ୍ୟମୂଖୀ ଚାଷ କରାଯାଇଥାଏ । ଗତବର୍ଷ ରବି ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ତିଳେଇବଣି ବ୍ଲକର ସୁଗୁଡା, କୈଳାସ ଏବଂ ନୁଆଭୁଇଁ ଗ୍ରାମରେ ସୂର୍ଯ୍ୟମୂଖୀ ଫସଲରେ ଏକ ଚକିଆ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୫୦ ଜଣ ଚାଷୀମାନଙ୍କୁ ପ୍ରାୟ ୨୦ ହେକ୍ଟର ଚାଷ ନିମନ୍ତେ ହାଇବ୍ରିଡ୍ କିସମର ସୂର୍ଯ୍ୟମୂଖୀ ବିହନ ଏସ୍-୨୭୫ ପ୍ରଦାନ କରାଯାଇଥିଲା । ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁସାରେ ବୋରନ୍ ଅଣୁସାରର ଅଭାବ ପରିଲକ୍ଷିତ ହୋଇଥିଲା ଏବଂ ଏହା ଦ୍ୱାରା ସୂର୍ଯ୍ୟମୂଖୀ ଦାନା ଗଠନ ଏବଂ ଅଗଡାଳ ଭାଙ୍ଗି ଯିବାକୁ ନିୟନ୍ତ୍ରଣ କରିବା ନିମନ୍ତେ ୨ଗ୍ରାମ ପ୍ରତି ଲିଟର ପାଣିରେ ବୋରନ୍ ଅଣୁସାର ପ୍ରୟୋଗ କରାଯାଇଥିଲା । ସୂର୍ଯ୍ୟମୂଖୀ ମଞ୍ଜିକୁ ନଷ୍ଟ କରୁଥିବା ବିନ୍ଧାପୋକକୁ ନିୟନ୍ତ୍ରଣ କରିବା ନିମନ୍ତେ ଟ୍ରାଇଜୋଫସ୍ ଔଷଧ ୨ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ପ୍ରୟୋଗ କରାଯାଇଥିଲା । ଉପରୋକ୍ତ ଉପାୟ ସବୁ ଅବଲମ୍ବନ କରି ଚାଷୀ ନିଜସ୍ୱ ଉପାୟରେ ହେକ୍ଟର ପିଛା ୮.୫ କ୍ୱିଣ୍ଟାଲ୍ ଅମଳ ପାଉଥିବା ବେଳେ ଏଥିରୁ ହେକ୍ଟର ପିଛା ୧୨.୬ କ୍ୱିଣ୍ଟାଲ୍ ଅମଳ ପାଇପାରିଥିଲେ ।

ଉଚ୍ଚଜମିରେ ଧାନ ପରିବର୍ତ୍ତେ ଡାଲିଜାତୀୟ ଫସଲ ଚାଷ କରନ୍ତୁ ।

## କୃଷି ବିଜ୍ଞାନ କେନ୍ଦ୍ରରେ ବନ ମହୋତ୍ସବ ସପ୍ତାହ ପାଳନ



ଜୁଲାଇ ମାସର ପ୍ରଥମ ସପ୍ତାହରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବନ ମହୋତ୍ସବ ସପ୍ତାହ ପାଳନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଉପନିର୍ଦ୍ଦେଶକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ପଶୁ ସମ୍ପଦ ଅଧିକାରୀ, ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ଓରମାସ୍ ଜିଲ୍ଲା ଅଧିକାରୀ, ଜଳ ଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ତିଲେଇବଣି ବ୍ଲକ ଅନ୍ତର୍ଗତ ତାଳକୁଣ୍ଡି ଗ୍ରାମର ମହିଳାମାନେ ସହଯୋଗ କରିଥିଲେ । ଏହି ଅବସରରେ ଆରସେଟି ପକ୍ଷରୁ ମହିଳା ମାନଙ୍କୁ ଛତୁଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

## ଚାଷୀ ଭାଇ ଏବଂ ଭଉଣୀ ମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ସିଧାପ୍ରସାରଣ

ତା ୨୦.୦୬.୨୦୧୮ ରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାଳୟ ପରିସରରେ ଦେବଗଡ ଜିଲ୍ଲାର ଚାଷୀଭାଇ ଏବଂ ଭଉଣୀ ମାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାର ସିଧାପ୍ରସାରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ର ବୈଜ୍ଞାନିକ ମାନଙ୍କ ସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନିଜ ବାର୍ତ୍ତା ମାଧ୍ୟରେ ଚାଷୀ ଭାଇ ଓ ଭଉଣୀ ମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନା ସଂପର୍କରେ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ସମବେତ ପ୍ରାୟ ୧୫୦ ଜଣ ଚାଷୀମାନଙ୍କ ପାଇଁ କେନ୍ଦ୍ର ତରଫରୁ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଏହା ବ୍ୟତୀତ ୧୩.୦୭.୨୦୧୮ ରିଖରେ ୬୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ମଧ୍ୟ ସିଧା ପ୍ରସାରଣରେ ଅଂଶଗ୍ରହଣ କରିଥିଲେ ।



## ମୃତ୍ତିକା ପରୀକ୍ଷା ଅଭିଯାନ ଶିବିର

ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଜିଲ୍ଲାର ବିଭିନ୍ନ ଗ୍ରାମରେ ମୃତ୍ତିକା ପରୀକ୍ଷା ଶିବିର କରାଯାଇଥିଲା । ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ କିର୍ତ୍ତନପାଲି ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ମୃତ୍ତିକା ପରୀକ୍ଷା ଅଭିଯାନ ଶିବିରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଷୀ ମାନଙ୍କୁ ମୃତ୍ତିକା ସଂଗ୍ରହ ପଦ୍ଧତି, ଏହାର ଉପାଦେୟତା ଏବଂ ମାଟି ପରୀକ୍ଷା ଅନୁସାରେ ଖାଦ୍ୟସାର ପରିଚାଳନା ସଂପର୍କରେ ତାଲିମ୍ ଦିଆଯିବା ସହ ଗ୍ରାମରେ ଜିଆଖତ ଟାଙ୍କି ନିର୍ମାଣ କରାଯାଇ ଏହାକୁ ଭବିଷ୍ୟତରେ ଜୈବ ଗ୍ରାମରେ ପରିଣତ କରିବା ନିମନ୍ତେ ଯୋଜନା କରାଯାଇଥିଲା । ସବୁ ପୋଷ୍ୟ ଗ୍ରାମକୁ ଶତ ପ୍ରତିଶତ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇବାର ଲକ୍ଷ୍ୟ ରଖି ଜିଲ୍ଲାର ବିଭିନ୍ନ ଗ୍ରାମରେ ମଧ୍ୟ ଏହା ଅନୁଷ୍ଠିତ ହୋଇଥିଲା ।




## ସମନ୍ୱିତ କୃଷି ପ୍ରଣାଳୀ ଉପରେ ଧନ୍ଦା ମୂଳକ ତାଲିମ୍ ଶିବିର



ତା ୧୬.୦୯.୨୦୧୮ ରୁ ତା ୨୦.୦୯.୨୦୧୮ ରିଖ ପର୍ଯ୍ୟନ୍ତ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାଳୟ ପରିସରରେ ରିଆମାଳ ବ୍ଲକ୍ ଅନ୍ତର୍ଗତ କିର୍ତ୍ତନପାଲି ଗ୍ରାମର ୧୫ ଜଣ ଚାଷୀଙ୍କୁ ସମନ୍ୱିତ କୃଷି ପ୍ରଣାଳୀ ଉପରେ ଧନ୍ଦା ମୂଳକ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଜିଆ ଖତ ପ୍ରସ୍ତୁତି, ମହୁମାଛି ପାଳନ, ଛତୁ ଚାଷ, ଉନ୍ନତ କିସମର ହରଡ ଚାଷ, ମତ୍ସ୍ୟ ଚାଷ, ଗୋପାଳନ ପ୍ରମୂଖ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଉପନିର୍ଦ୍ଦେଶକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ପଶୁ ସମ୍ପଦ ଅଧିକାରୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



Pradhanpat Krushi Samachar Patrika 10 (1) : 2018

Pradhanpat Krushi Samachar Patrika 10 (1) : 2018

**ଅଣଋତୀୟ ପନିପରିବା ଚାଷ କରି ଲାଭବାନ ହୁଅନ୍ତୁ ।**

## ସଫଳ ଚାଷୀର ଗାଥା

### ସମୃଦ୍ଧି ର ରାସ୍ତା ଦେଖାଇଲେ ଦୁଇ ଭାଇ





ଦେବଗଡ ଜିଲ୍ଲାର ସୋଡୋ ପଞ୍ଚାୟତ ଏକଦା ମାଓବାଦୀ ଅଧ୍ୟୁଷିତ ବଣ ଜଙ୍ଗଲ ଭରା ଅନୁନ୍ନତ ଅଞ୍ଚଳ ଭାବେ କୁଖ୍ୟାତି ଲାଭ କରିଥିଲା । ଏହାର କାଲଚିପଡାଡିହି ଗ୍ରାମର ୯୦ ପରିବାର ମଧ୍ୟରୁ ୭୭ ଆଦିବାସୀ ସଂପ୍ରଦାୟର । ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୀ, ଛେଳି, କୁକୁଡା ଓ ଧାନ ଫସଲକୁ ନେଇ ଏମାନଙ୍କ ଜୀବନ ଜୀବିକା । ଏବେ ସେ ଅଞ୍ଚଳକୁ ପ୍ରଗତିର ନୂଆ ରାହା ଦେଖାଇଛନ୍ତି ସେ ଗାଁର ଉତ୍ସାହୀ ଦୁଇଭାଇ, ଗାଣ୍ଡରୁ ମିଞ୍ଜ୍ ଓ ଗୋସାଇଁ ମିଞ୍ଜ୍ । ଗାଣ୍ଡରୁ ମିଞ୍ଜ୍ ଆରମ୍ଭ କରିଥିବା ନୂତନ କାମକୁ ଉତ୍କର୍ଷତାର ସୋପନରେ ପହଞ୍ଚାନ୍ତି ସାନ ଭାଇ ଗୋସାଇଁ । ଗାଣ୍ଡରୁ ଗ୍ରାମରେ ପ୍ରଥମେ ଆରମ୍ଭ କଲେ ବର୍ଷାଦିନରେ ଟମାଟୋ ଚାଷ । ଏ ବର୍ଷ ବୈଜ୍ଞାନିକ ଜ୍ଞାନ କୌଶଳ କୁ ଅବଲମ୍ବନ କରି ବର୍ଷାଦିନ ତିନି ମାସ ଚାଷରେ ଗୋସାଇଁ ଦୁଇ ଏକର ଟମାଟୋ ଚାଷକରି ପାଖାପାଖି ୯୦ ହଜାର ଟଙ୍କା ଲାଭ କରିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ ଠାରୁ ଉନ୍ନତ ପ୍ରଣାଳୀ ଉତ୍କୃଷ୍ଟ ମାନର ଟମାଟୋ ଉତ୍ପାଦନର ଜ୍ଞାନ କୌଶଳ ନେଇ ଚାରା ବିଶୋଧନ, ସାର ପରିଚାଳନା, ରୋଗପୋକ ପରିଚାଳନା, ଅଣୁସାର ପ୍ରୟୋଗ ସହ ରାଞ୍ଚି ଦେଇ ବର୍ଷାଦିନେ ଟମାଟୋ ଉତ୍ପାଦନ କରିବାରେ ଜିଲ୍ଲାରେ ସେ ପ୍ରଥମ । ବଡ ଭାଇ ଗାଣ୍ଡରୁ ଏ ବର୍ଷ ଦେବଗଡ ଜିଲ୍ଲାର ଶ୍ରେଷ୍ଠ କୃଷକ ହିସାବରେ ମହାମହିମ ଓଡିଶା ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ସାନଭାଇ ଗୋସାଇଁଙ୍କୁ "କୃଷକ ବୈଜ୍ଞାନିକ" ହିସାବରେ ସମ୍ମାନିତ କରିବାକୁ ଜିଲ୍ଲାସ୍ତରୀୟ ଗବେଷଣା ସଂପ୍ରସାରଣ କମିଟି ସ୍ଥିର କରିଛି । ତାଙ୍କ ଟମାଟୋ ଦେଖି ଗାଁର ସବୁ ଘରେ ଏବେ ବର୍ଷାଦିନେ ଟମାଟୋ ଚାଷ ଆରମ୍ଭ ହୋଲାଣି । ଏ ସବୁ ମିଞ୍ଜ ଦୁଇଭାଇଙ୍କ ଆଗ୍ରହ, ନିଷ୍ଠା ଓ ପରିଶ୍ରମର ଫଳ ଏଥିରେ ଅନ୍ୟଥା ନାହିଁ । ପ୍ରାୟ ୧୦୦ ଏକର ପାହାଡିଆ, ପଥୁରିଆ, ଉଚ୍ଚନୀଚ ଜମି ଉପରେ ଲାଲ୍ ଟହଟହ ଟମାଟୋ ଗାଁ ଶୋଭା ବଢାଉଛି । ଆଖପାଖ ପା*ଟା ଗାଁର ଗରିବ ଆଦିବାସୀ ପରିବାର ମଧ୍ୟ ଏହି ନୂଆ ଚାଷକୁ ଆପଣେଇଲେଣି । ଗାଁରେ ବେପାରୀଙ୍କ ଧାଡି ଲମ୍ବିଛି । ପଡୋଶୀ ସୁନ୍ଦରଗଡ, ସମ୍ବଲପୁର ସହ ଦେବଗଡ ଜିଲ୍ଲାକୁ ବର୍ଷାଦିନେ ଟମାଟୋ ଯୋଗାଉଥିବା ଏଇ ଅନୁନ୍ନତ ଗ୍ରାମ ବର୍ତ୍ତମାନ ପ୍ରଗତି ଆଶାରେ ଆଗକୁ ଧାବମାନ ।

## ଫଟୋରେ ଫଟୋରେ ଆମ କଥା



ମହୁମାଛି ପାଳନ



ପଲିଥିନ୍ ଆଚ୍ଛାଦିତ ଗୃହ



ପନିପରିବାରେ ପଲିଥବନ୍ ଆଚ୍ଛାଦନ



କୁକୁଡ଼ା ପାଳନ




ରୋଗ ପ୍ରତିରୋଧି ଧାନ



ସ୍ୱଚ୍ଛତା ହିଁ ସେବା


## ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ :**
ଡଃ ସୁଜିତ କୁମାର ନାଥ
ମୁଖ୍ୟ ସମ୍ପାଦକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସମ୍ପାଦନା ମଣ୍ଡଳୀ :**
ଶ୍ରୀ ଲବ ସୋରେନ, ବୈଜ୍ଞାନିକ (ରୋଗପୋକ)
ଶ୍ରୀ ସବ୍ୟସାଚୀ ସାହୁ, ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ)
ଶ୍ରୀ ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ (ମୃତ୍ତିକା ବିଜ୍ଞାନ

**ଯୋଗାଯୋଗ :**
କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼
ପୁରୁଣାଗଡ଼, ଦେଓଗଡ଼, ପିନ୍-୭୬୮୧୧୯
kvkdeogarh.ouat@gmail.com
www.kvkdeogarhzpdvii.org

**ଫଟାଗ୍ରାଫି :** ଶ୍ରୀ ବିଶ୍ୱଜିତ୍ ପ୍ରଧାନ, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର), ଶ୍ରୀ ବେଣୁଧର ମହାରଣା, କ୍ଷିପ୍ର ଲେଖକ

This Newsletter is published & Owned by Sr. Scientist and Head, Krishi Vigyan Kendra, Deogarh, Pin.: 768119, Ph.:
e-mail: kvkdeogarh.ouat@gmail.com, Web : www.kvkdeogarhzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003

**Chief Editor : Dr. Sujit Kumar Nath**